# NATIONAL NEWS BULLETIN (ODIA)
## 17 November - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁଙ୍କ ମଧ୍ୟରେ ଆବୁଜାର ରାଷ୍ଟ୍ରପତି ଭବନରେ ଆଜି ହୋଇଛି ଆଲୋଚନା ।
- ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ରରେ ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ଶେଷ ହେବ ପ୍ରଚାର ।
- ପବିତ୍ର ଶ୍ରୀ ବଦ୍ରିନାଥ ମନ୍ଦିର ଦ୍ୱାର ଚଳିତ ଶୀତ ଋତୁ ପାଇଁ ଆଜି ରାତି ୯ଟା ୭ମିନିଟରେ ହେବ ବନ୍ଦ ।
- ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ଲକ୍ଷ୍ୟ କରି ରୁଷ୍ ପକ୍ଷରୁ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ହୋଇଥିବା ସୂଚନା ଦେଲେ ୟୁକ୍ରେନ ରାଷ୍ଟ୍ରପତି ।

ଏବଂ

- ମହିଳା ଏସୀୟ ହକି ଚାମ୍ପିୟନ୍ସ ଟ୍ରଫିରେ ଆଜି ଭାରତ' ଜାପାନ୍‌କୁ ୩-୦ ଗୋଲ୍‌ରେ ପରାସ୍ତ କରିଛି ।

# ପିଏମ୍ ନାଇଜେରିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁ ଆବୁଜାର ରାଷ୍ଟ୍ରପତି ଭବନରେ ଆଜି ଆଲୋଚନା କରିଛନ୍ତି । ଉଭୟ ନେତା ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀର ସମୀକ୍ଷା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ଉପାୟ ଉପରେ ଆଲୋଚନା କରିଥିଲେ ।

ଭାରତ' ନାଇଜେରିଆ ସହିତ ନିଜର ରଣନୈତିକ ଭାଗିଦାରୀକୁ ଉଚ୍ଚ ପ୍ରାଥମିକତା ଦେଇଥାଏ ବୋଲି ରାଷ୍ଟ୍ରପତି ତିନୁବୁଙ୍କ ସହ ପ୍ରତିନିଧି ସ୍ତରୀୟ ଆଲୋଚନାରେ ଭାଗ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ ଏବଂ ନାଇଜେରିଆ ମଧ୍ୟରେ ପ୍ରତିରକ୍ଷା, ଶକ୍ତି, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା ଓ ସଂସ୍କୃତି ଆଦି ସହଯୋଗର କ୍ଷେତ୍ର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଆତଙ୍କବାଦ ଏବଂ ଡକାୟତି ଭଳି ଆହ୍ୱାନର ମୁକାବିଲା ପାଇଁ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ନାଇଜର' ସମ୍ମାନ ପ୍ରଦାନ ନିଷ୍ପତ୍ତି ପାଇଁ ସେ ନାଇଜେରିଆ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ସମ୍ମାନକେବଳ ତାଙ୍କ ପାଇଁ ନୁହେଁ ବରଂ ସମସ୍ତ ଭାରତୀୟଙ୍କ ପାଇଁ ଗୌରବର ବିଷୟ । ଏହା ଭାରତ ଓ ନାଇଜେରିଆ

ମଧ୍ୟରେ ଥିବା ପୁରୁଣା ସମ୍ପର୍କର ପ୍ରମାଣ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ୧୭ ବର୍ଷ ପରେ ନାଇଜେରିଆ ଗସ୍ତ କରୁଛନ୍ତି ।  ସେ କହିଛନ୍ତି, ନାଇଜେରିଆକୁ ବନ୍ୟା ରିଲିଫ ପ୍ରୟାସରେ ସାହାଯ୍ୟ କରିବା ପାଇଁ ଭାରତ ୨୦ ଟନ୍ ମାନବିକ ସହାୟତା ପଠାଉଛି ।

ଦୁଇ ଦିନିଆ ନାଇଜେରିଆ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି ଗତକାଲି ରାତିରେ ଅବୁଜାରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କୁ ଆବୁଜାର ‘ଚାବି’ ପ୍ରଦାନ କରାଯାଇଥିଲା । ଏହି ଚାବି ନାଇଜେରିଆବାସୀଙ୍କ ବିଶ୍ୱାସ ଓ ସମ୍ମାନର ପ୍ରତୀକ ବୋଲି ଗ୍ରହଣ କରାଯାଇଥାଏ । ମରାଠୀ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯାଇଥିବାରୁ ନାଇଜେରିଆରେ ବସବାସ କରୁଥିବା ମରାଠୀ ସମ୍ପ୍ରଦାୟର ଲୋକମାନେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ପ୍ରଧାନମନ୍ତ୍ରୀ ମୋଦୀ ନାଇଜେରିଆ ଗସ୍ତ ଶେଷ କରି ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ବ୍ରାଜିଲର ରିଓ ଡି ଜେନେରିଓ ସହର ଗସ୍ତ କରିବେ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ଉପସ୍ଥାପନ କରିବେ ଓ ଜି-୨୦ ନୂଆଦିଲ୍ଲୀ ନେତାଙ୍କ ଘୋଷଣାନାମା ଏବଂ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତ ଦ୍ୱାରା ଆୟୋଜିତ ଭଏସ୍ ଅଫ୍ ଦି ଗ୍ଲୋବାଲ ସାଉଥ୍ ଶିଖର ସମ୍ମିଳନୀର

ଫଳାଫଳ ଉପରେ ଆଲୋକପାତ କରିବେ। ଗସ୍ତର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମୋଦୀ ଆସନ୍ତା ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଆନା ଗସ୍ତରେ ଯିବେ।

# ନିର୍ବାଚନ ପ୍ରଚାର

ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ର ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଆସନ୍ତାକାଲି ଶେଷ ହେବ । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭୋଟରଙ୍କୁ ପ୍ରାର୍ଥୀଙ୍କ ସପକ୍ଷରେ ଆକୃଷ୍ଟ କରିବା ଲାଗି ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ଝାଡ଼ଖଣ୍ଡର ଗୋମିଆଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରି ରାଜ୍ୟର ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ସରକାର ଦୁର୍ନୀତିଗ୍ରସ୍ତ ବୋଲି ଅଭିଯୋଗ କରିଛନ୍ତି। ସ୍ୱଚ୍ଛ ପ୍ରଶାସନକୁ ଦୃଷ୍ଟିରେ ରଖି ଏନ୍‌ଡିଏ ମେଣ୍ଟକୁ ବହୁମତ ଦେବା ପାଇଁ ଶ୍ରୀ ନଡ୍ଡା ଝାଡ଼ଖଣ୍ଡବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଶ୍ରୀ ନଡ୍ଡା ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ସିନ୍ଦ୍ରି ଏବଂ ନାଲା ଠାରେ ପ୍ରଚାର କାର୍ଯ୍ୟରେ ମଧ୍ୟ ସାମିଲ ହେବେ । ଜେ.ଏମ୍.ଏମ୍.ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଆଜି ଦୁମ୍‌କାଠାରେ ଏକ ନିର୍ବାଚନୀ ର୍‍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଅନ୍ୟ କେତୋଟି ନିର୍ବାଚନୀ ର୍‍ୟାଲୀରେ ସେ ଆଜି ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

କଂଗ୍ରେସ ପକ୍ଷରୁ ବିଭିନ୍ନ ର୍‍ୟାଲିର ଆୟୋଜନ କରାଯାଇଥିବା ବେଳେ ଆର୍.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବ ଧାନବାଦ୍ ଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ଶିବରାଜ ସିଂହ ଚୌହାନ, ହିମନ୍ତ ବିଶ୍ୱଶର୍ମା ଏବଂ ଚମ୍ପେଇ ସୋରେନ ପ୍ରମୁଖ ଏନ୍.ଡି.ଏ. ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ ହୋଇଛନ୍ତି।

ଆସନ୍ତା ୨୦ ତାରିଖରେ ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ରରେ ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଗ୍ରହଣ କରାଯିବ । ୨୩ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

# ଦିଲ୍ଲୀ- ପଲ୍ୟୁସନ

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ଗୁଣବତ୍ତା ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଥିବା ବେଳେ ଆଜି ସନ୍ଧ୍ୟାରେ ବାୟୁ ଗୁଣବତ୍ତା ସୂଚକାଙ୍କ– ଏକ୍ୟୁଆଇ ୪୪୭ ରେକର୍ଡ କରାଯାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ, ଦିଲ୍ଲୀର ଶାଦିପୁର ଷ୍ଟେସନରେ ଏକ୍ୟୁଆଇ ୪୬୮, ୱାଜିରପୁରରେ ୪୬୮, ଇନ୍ଦିରାଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦରରେ ୪୬୭, ପଞ୍ଜାବୀ ବାଗରେ ୪୫୭, ନେହେରୁ ନଗରରେ ୪୫୩ ଏବଂ ଆଇଟିଓରେ ୪୪୯ ରେକର୍ଡ କରାଯାଇଛି। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳରେ ରାତି ଏବଂ ସକାଳ

ସମୟରେ ଧୂଆଁ ଏବଂ ଘନ କୁହୁଡ଼ି ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରାଯାଇଛି ।

## ଚେନ୍ନାଇ-ଗିରିରାଜ

କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି, ବୟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାର ଭିଜନ ନେକ୍ସଟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଆଜି ଚେନ୍ନାଇସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାସନ୍ ଟେକ୍ନୋଲୋଜିର ସମୀକ୍ଷା ବୈଠକ ପରେ ଭାରତରେ ଟେକ୍ସଟାଇଲ୍ ଡିଜାଇନିଂ ଶିଳ୍ପର ମୂଲ୍ୟ ୧୭୬ ବିଲିୟନ ଡଲାରକୁ ବୃଦ୍ଧି ପାଇଛି । ୨୦୩୦ରେ ଏହି ଶିଳ୍ପ ୩୫୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଶ୍ରୀ ସିଂହ ଆଜି ଗଣମାଧ୍ୟମକୁ କହିଛନ୍ତି ।

ତାମିଲନାଡୁ ଭାରତର ବୟନ ଶିଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି । ବିରୁଧୁନଗର ଜିଲ୍ଲାରେ ଏକ ଟେକ୍ସଟାଇଲ ପାର୍କ ନିର୍ମାଣ ପାଇଁ କେନ୍ଦ୍ର ସରକାର ପାଣ୍ଠି ଆବଣ୍ଟନ କରିଛନ୍ତି । ବର୍ତମାନ ବୟନ ଶିଳ୍ପରେ ୪ କୋଟି ୬୦ ଲକ୍ଷ ଲୋକ ନିୟୋଜିତ ଅଛନ୍ତି । ୨୦୩୦ ସୁଦ୍ଧା ଏହା ୬ କୋଟିକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ସେ କହିଛନ୍ତି, ଭାରତରେ ବହୁ ସଂଖ୍ୟାରେ ପ୍ରତିଭାସମ୍ପନ୍ନ ଡିଜାଇନର୍ ଥିବାରୁ ଆମକୁ ଏ କ୍ଷେତ୍ରରେ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ।

# ଉତ୍ତରାଖଣ୍ଡ- ଚାରଧାମ ଯାତ୍ରା

ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଅବସ୍ଥିତ ବିଶ୍ୱ ପ୍ରସିଦ୍ଧ ପବିତ୍ର ଶ୍ରୀ ବଦ୍ରିନାଥ ମନ୍ଦିର ଦ୍ୱାର ଚଳିତ ଶୀତ ଋତୁ ପାଇଁ ଆଜି ରାତି ୯ଟା ୭ମିନିଟରେ ବନ୍ଦ ରହିବ। ଏହି ଅବସରରେ ଭାରତୀୟ ସେନା ବ୍ୟାଣ୍ଡ ପକ୍ଷରୁ ମଧୁର ଭକ୍ତି ସଙ୍ଗୀତ ପରିବେଷଣ ସହିତ ଚଳିତ ବର୍ଷର ଚାରିଧାମ ଯାତ୍ରା କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ବନ୍ଦ ହେବ। ବନ୍ଦ ପୂର୍ବରୁ ମନ୍ଦିରକୁ ୧୫ କୁଇଣ୍ଟାଲ ଫୁଲରେ ସଜ୍ଜିତ କରାଯାଉଛି। ଏହି ପବିତ୍ର ପର୍ବକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଚଳିତବର୍ଷ ବଦ୍ରିନାଥକୁ ରେକର୍ଡ ସଂଖ୍ୟକ ୧୪ ଲକ୍ଷ ୨୫ ହଜାରରୁ ଅଧିକ ଶ୍ରଦ୍ଧାଳୁ ଆସିଥିଲେ।

ବଦ୍ରିନାଥ-କେଦାରନାଥ ମନ୍ଦିର କମିଟିର ମିଡିଆ ସଂଯୋଜକ ଡକ୍ଟର ହରିଶ ଗୌର ସୂଚନା ଦେଇଛନ୍ତି, ମନ୍ଦିରର ଦ୍ୱାର ବନ୍ଦ ହେବା ପରେ ଆସନ୍ତାକାଲି ସକାଳେ ଆଦି ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପବିତ୍ର ଆସନ ସହିତ ଶ୍ରୀ ଉଦ୍ଧବଜୀ, ଶ୍ରୀ କୁବେରଜୀ ଏବଂ ରାଓ୍ୱଲଜୀଙ୍କ ମୂର୍ତ୍ତିକୁ ପାଣ୍ଡୁକେଶ୍ୱରସ୍ଥିତ ଯୋଗ ବଦ୍ରିକୁ ସ୍ଥାନାନ୍ତର କରାଯିବ। ପରବର୍ତ୍ତୀ ସମୟରେ ଯୋଗ ବଦ୍ରି ଓ ଯୋଶୀମଠର ନରସିଂହ ମନ୍ଦିରରେ ଶୀତକାଳୀନ ପୂଜା ଆରମ୍ଭ ହେବ।

# ଶ୍ରୀଲଙ୍କା ଶପଥ ଗ୍ରହଣ

ଶ୍ରୀଲଙ୍କାରେ ନବଗଠିତ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳ ଆସନ୍ତାକାଲି ଶପଥ ଗ୍ରହଣ କରିବ। ରାଷ୍ଟ୍ରପତି ସଚିବାଳୟରେ ରାଷ୍ଟ୍ରପତି ଅନୁରାଗ କୁମାର ଦିଶାନାୟକଙ୍କ ଉପସ୍ଥିତିରେ ଏହି ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତିରକ୍ଷା ଏବଂ ଅର୍ଥବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ରାଷ୍ଟ୍ରପତି ନିଜ ଅଧୀନରେ ରଖିଛନ୍ତି। ଏଥିସହ ୨୩ ଜଣିଆ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବାର ଜଣାପଡ଼ିଛି। ଡକ୍ଟର ହରିନୀ ଆମାସୁରିଆ ପୁନଃ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇପାରନ୍ତି। ସେହିପରି ବିଜିତା ହେରାଥ ବୈଦେଶିକ ମନ୍ତ୍ରୀଭାବେ ପୁନଃଦାୟିତ୍ୱ ନିର୍ବାହ କରିବାର ସମ୍ଭାବନା ରହିଛି। ସଂସଦୀୟ ନର୍ବାଚନରେ ଶାସକ' ନ୍ୟାସନାଲ୍ସ ପିପୁଲ୍ସ ପାୱାର ମେଣ୍ଟ ୨୨୫ଟି ଆସନରୁ ୧୫୯ଟି ଆସନରେ ବିଜୟୀ ହୋଇଥିଲା। ସୂଚନାଯୋଗ୍ୟ, ଏନ୍.ପି.ପି ନେତା ଅନୁରାଗ କୁମାର ଦିଶାନାୟକ ଗତ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଥିଲେ।

# ରୁଷିଆ ଆଟାକ

ୟୁକ୍ରେନ୍‌ର ସମଗ୍ର ଶକ୍ତି ଭିତ୍ତିଭୂମିକୁ ଲକ୍ଷ୍ୟ କରି ରୁଷ୍ ପକ୍ଷରୁ ଏକ ବିଶାଳ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରାଯାଇଥିବା ୟୁକ୍ରେନ୍‌ର ରାଷ୍ଟ୍ରପତି

ଭୋଲୋଦିମିର ଜେଲେନସ୍କି କହିଛନ୍ତି।  ଏହି ଆକ୍ରମଣରେ ଅତିକମ୍‌ରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସମଗ୍ର ଦେଶର ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି।

ୟୁକ୍ରେନର ଦକ୍ଷିଣରେ ଥିବା ମାଇକୋଲାଇଭ ସହର ଏହି ଆକ୍ରମଣରେ ଅଧିକ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଅତି କମରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି।  ଓଡେସାର ବ୍ଲାକ ସି’ ବନ୍ଦର ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ରାଜଧାନୀ କିଭ୍‌ର କର୍ତ୍ତୃପକ୍ଷ କହିଛନ୍ତି, ଏହି ଆକ୍ରମଣ ତିନି ମାସ ମଧ୍ୟରେ ସବୁଠାରୁ ଭୟଙ୍କର ଥିଲା।

# ମହିଳା ହକି

ମହିଳା ଏସୀୟ ହକି ଚାମ୍ପିୟନ୍ସ ଟ୍ରଫିରେ ଆଜି ଭାରତ’ ଜାପାନ୍‌କୁ ୩-୦ ଗୋଲ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ନବନୀତ ଗୋଟିଏ ଗୋଲ୍ ଓ ଦୀପିକା ୨ଟି ଗୋଲ୍ ଦେଇଥିଲେ। ୫ଟି ମ୍ୟାଚ୍ ଜିତି ଭାରତ ସର୍ବାଧିକ ୧୫ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି ଏବଂ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଚୀନ୍ ଠାରୁ ୧୨ ପଏଣ୍ଟ ୍ ଆଗରେ ରହିଛି।

ମଙ୍ଗଳବାର ସେମିଫାଇନାଲରେ ଭାରତ ଚତୁର୍ଥ ସ୍ଥାନରେ ଥିବା ଜାପାନକୁ ଭେଟିଥିବା ବେଳେ ଚୀନ୍ ତୃତୀୟ ସ୍ଥାନରେ ଥିବା ମାଲେସିଆକୁ ଭେଟିବ।

ଅନ୍ୟପକ୍ଷରେ ଆଜି ମାଲେସିଆ ୨-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଥିବା ବେଳେ ଚୀନ୍ ସମାନ ବ୍ୟବଧାନରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି।